# ଏସ୍‌ସିବିରେ ଜାତୀୟ ସ୍ୱେଚ୍ଛାସେବୀ ରକ୍ତଦାତା ଦିବସ

# ୬୦ ଜଣଙ୍କ ସ୍ୱେଚ୍ଛାକୃତ ରକ୍ତଦାନ

କଟକ,୨ଅକ୍ଟୋ(ବ୍ୟୁରୋ): ଏସ୍‌ସିବିରେ ଆଜି ଜାତୀୟ ସ୍ୱେଚ୍ଛାସେବୀ ରକ୍ତଦାତା ଦିବସ ପାଳିତ ହୋଇଯାଇଛି। ମେଡିକାଲର ଟ୍ରାନ୍ସଫ୍ୟୁଜନ ମେଡିସିନ୍ ଓ ହୃଦ୍‌ରୋଗ ବିଭାଗର ମିଳିତ ଆୟୋଜନରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ୬୦ ଜଣ ରକ୍ତଦାତା ରକ୍ତଦାନ କରିଥିଲେ। କାର୍ଯ୍ୟକ୍ରମରେ ଶିବିର ଆୟୋଜକ ତଥା ହୃଦ୍‌ରୋଗ ବିଭାଗର ମୁଖ୍ୟ ପ୍ରଫେସର ଡାକ୍ତର ସତ୍ୟ ନାରାୟଣ ରାଉତରାୟ, ମେଡିକାଲ୍ ଅଧ୍ୟକ୍ଷ ପ୍ରଫେସର ଡାକ୍ତର ସୁଧାଂଶୁ ମିଶ୍ର, ଓଡ଼ିଶା ରକ୍ତ ସୁରକ୍ଷା ନିର୍ଦ୍ଦେଶକ ଡ. ନୀଳକଣ୍ଠ ମିଶ୍ର, ନିର୍ଦ୍ଦେଶାଳୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ ଓ ଟ୍ରାନ୍ସଫ୍ୟୁଜନ ମେଡିସିନ୍ ବିଭାଗର ମୁଖ୍ୟ ପ୍ରଫେସର ଡାକ୍ତର ଗୀତା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଡାକ୍ତର ମହାପାତ୍ର ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବା ବେଳେ ଉପସ୍ଥିତ ଅନ୍ୟ ଅତିଥିମାନେ ରକ୍ତଦାନର ମହତ୍ତ୍ୱ ଓ ଏହି ଦିବସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ନିୟମିତ ସ୍ୱେଚ୍ଛାସେବୀମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ ପାଇଁ ଆଗେଇ ଆସିବା



ଉଚିତ୍ ବୋଲି ବକ୍ତାମାନେ କହିଥିଲେ। ଜଣଙ୍କର ରକ୍ତଦାନ ଅନ୍ୟ ଜଣଙ୍କର ଜୀବନ ରକ୍ଷା କରିବାରେ କିଭଳି ସହାୟକ ହୋଇଥାଏ ତାହା ଉପରେ କହିଥିଲେ। ଟ୍ରାନ୍ସଫ୍ୟୁଜନ ମେଡିସିନ୍ ବିଭାଗର ସହଯୋଗୀ ପ୍ରଫେସର ଡାକ୍ତର ସୁସ୍ମିତା ବେହେରା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଏକ ସଚେତନତା ରାଲି ମେଡିକାଲ କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରୁ ବାହାରି ମେଡିକାଲ ପରିସର ପରିକ୍ରମା କରିଥିଲା।